# Akashvani, Sambalpur

## SAMBALPURI NEWS EVENING BULLETIN

## 10 February 2026 - 7.02 pm- 7.12 pm.

*********************************************

୧- ଆମ୍ବୁଲେନ୍ସ ସେବାକେ ବରକସ୍ କର୍‌ବାର୍ ଲାଗି ୨ ଶହ ୫୦ ଟା ନୂଆଁ ଆମ୍ବୁଲେନ୍ସର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ।

୨- ଜାତୀୟ ସ୍ୱାସ୍ଥ୍ୟ ମିଶନ୍‌ଥି କାର୍ଯ୍ୟରତ ଚୁକ୍ତିଭିତିକ ଆୟୁଷ ଡାକ୍ତର୍‌ମାନ୍‌କର୍ ଦର୍‌ମା ବଢ଼ାଲେ ରାଜ୍ୟ ସର୍‌କାର୍ ।

୩- ୪ ହଜାର୍ ଶହେ ୧୧ କୋଟିନୁ ଅଏତ୍‌କା ଟଙ୍କାର୍ ୨୩ ଟା ଶିଳ୍ପ ପ୍ରକଳ୍ପ ପ୍ରସ୍ତାବ୍‌କେ ଅନୁମୋଦନ୍ କଲେ ରାଜ୍ୟସ୍ତରୀୟ ଏକକ ବାତାୟନ କର୍ତ୍ତୃପକ୍ଷ ।

୪- ରାଏଜେ କୃମିନାଶକ୍ ଆଉ ଫାଇଲେରିଆ ନିରାକରଣ୍ ଲାଗି ଖୁଆହେଲା ସାମୂହିକ୍ ଉଷୋ ।

ଆଉର୍

୫- ରାଉର୍‌କେଲା ବିର୍ସାମୁଣ୍ଡା ହକି ଷ୍ଟାଡ଼ିୟମ୍ ନ ଆଏଜ୍‌ଠାନୁ ମୁଲ୍ ହେଉଛେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍-୨୦୨୫-୨୬ ।

- ଆଉ କିଛି ସମିଆ ଉତ୍‌ରୁ ବେଲ୍‌ଜିୟମ୍ ଆଉ ଆର୍ଜେଣ୍ଟିନା ଭିତ୍‌ରେ ହେବା ମେଚ୍ ।

ମୁଖ୍ୟମନ୍ତ୍ରୀ- ଆମ୍ବୁଲେନ୍ସ ସେବା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଆମ୍ବୁଲେନ୍ସ ସେବାଥି ଦକ୍ଷତା ଆନ୍‌ବାର୍ ଲକ୍ଷ୍ୟଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ୨ ଶହ ୫୦ ଟା ନୂଆଁ ଆମ୍ବୁଲେନ୍ସର ଶୁଭାରମ୍ଭ କରିଛନ୍ । ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ନ ଗୁଟେ ଖାସ୍ ସମାରୋହଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଇତାର୍ ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ରାଜ୍ୟର୍ ସବୁ ବ୍ଲକ୍‌ନୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଉ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୁ କଟକ୍ ବଡ଼ ମେଡ଼ିକାଲ୍‌କେ ଅହରହ ଆମ୍ବୁଲେନ୍ସ ସେବା ଜାରି ରଖ୍‌ବାର୍‌କେ ପଦକ୍ଷେପ୍ ନିଆୟାଉଛେ । ଇତାର୍‌ଛଡ଼ା ବିମାନ୍ ଯୋଜ୍‌ନା ଜରିଏ ରାଉର୍‌କେଲା ଆଉ ଜୟପୁର୍ ବାଗିର୍ ବିମାନ୍ ପଡ଼ିଆମାନ୍‌କେ ଭିଲ୍ ଆମ୍ବୁଲେନ୍ସ ସେବା ଯୁଗେଇ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର- ମୁଖ୍ୟମନ୍ତ୍ରୀ)

ଉଦ୍‌ଘାଟନୀ ସମାରୋହଥି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍‌ଙ୍କର୍ ସହେତେ ସ୍ଥାନୀୟ ବିଧାୟକ୍ ଆଉ ସ୍ୱାସ୍ଥ୍ୟ ବିଭାଗ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ସୂଚ୍‌ନା ଅନ୍‌ସାରେ ରାଏଜେ ଜରୁରୀକାଲୀନ୍ ସ୍ୱାସ୍ଥ୍ୟସେବାକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ସର୍‌କାର୍ ୪ ଶହ ୨୮ ଟା ନୂଆଁ ଆମ୍ବୁଲେନ୍ସ ସେବାର୍ ବ୍ୟବସ୍ଥା କରିଛନ୍ । ଇଥିର୍‌ଲାଗି ରାଜ୍ୟ ସର୍‌କାର୍ ଶହେ ୧୧ କୋଟି ଟଙ୍କା ଖର୍ଚ୍ଚା କରିଛନ୍ ।

ଆୟୁଷ ଡାକ୍ତର୍-ଦର୍ମା ବୃଦ୍ଧି ଭୁବ୍ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍କାର୍ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ଥି କାର୍ଯ୍ୟରତ ଚୁକ୍ତିଭିତିକ ଆୟୁଷ ଡାକ୍ତର୍ମାନ୍କର୍ ଦର୍ମା ବଢ଼େଇଛନ୍ । ସ୍ୱାସ୍ଥ୍ୟସେବା କ୍ଷେତ୍ରଥି ସେମାନ୍କର୍ ଅବଦାନ୍କେ ତହଁକାବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ନିଷ୍ପତି ନେଇଥିବାର୍ ଜନାପଡ଼ିଛେ । ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଳୟର୍ ସୂଚ୍ନା ଅନ୍ସାରେ, ଚୁକ୍ତିଭିତିକ୍ ଆୟୁଷ ଡାକ୍ତର୍ମାନ୍କର୍ ଦର୍ମା ବରିଷ୍ଠତା ଆଧାର୍ଥି ୨୦ ହଜାର୍ନୁ ୪୦ ହଜାର୍କେ ବଢ଼େଇଛନ୍ । ୫ ବଛର୍ନୁ କମ୍ କାମ୍ କରିଥିବା ଡାକ୍ତର୍ମାନ୍କର୍ ଦର୍ମା ୨୦ ହଜାର୍ ବଢ଼ିଥିଲା ବେଲେ ୫ ନୁ ୧୦ ବଛର୍ ସେବା କରିଥିବାର୍ ଡାକ୍ତର୍ମାନ୍କର୍ ଦର୍ମା ୨୫ ହଜାର୍ ବଢ଼ାଯାଇଛେ । ସେନ୍ତା ୧୦ ନୁ ୧୫ ବଛର୍ କାମ୍ କରିଥିବା ଡାକ୍ତର୍ମାନ୍କର୍ ଦର୍ମା ୩୦ ହଜାର୍ ଆଉ ୧୫ ନୁ ଅଏତ୍କା ବଛର୍ କାମ୍ କରିଥିବା ଡାକ୍ତର୍ମାନ୍କର୍ ଦର୍ମା ୪୦ ହଜାର୍ ଟଙ୍କା ବଢ଼ାଯାଇଛେ ।

ସୂଚ୍ନା ଅନ୍ସାରେ ରାଏଜେ ଇହାଦେ ୨ ହଜାର୍ ୯ ଶହ ୧୨ ଝନ୍ ଆୟୁଷ ଡାକ୍ତର୍ ନିୟୋଜିତ୍ ଅଛନ୍ । ଦର୍ମା ବଢ଼୍ଲା ଉତ୍ରୁ ବଛର୍କ ସର୍କାର୍ଙ୍କୁ ୧ କୋଟି ଟଙ୍କା ଅଏତ୍କା ଖର୍ଚ୍ଚା କର୍ବାର୍କେ ପଡ଼୍ବା ।

ଜାଗର ପ୍ରସ୍ତୁତି- ମୁଖ୍ୟମନ୍ତ୍ରୀ ହି.ସ.

ମହାପ୍ରଭୁ ଲିଙ୍ଗରାଜ୍ଙ୍କର୍ ଜାଗର୍ ଯାତ୍ରାକେ ନେଇକରି ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍ଥି ମହାଶିବରାତ୍ରୀ ବେଲେ ଲିଙ୍ଗରାଜ୍ଙ୍କର୍ ନୀତିକାନ୍ତି, ଦର୍ଶନ୍ ଆଉ ଭିନ୍ ଭିନ୍ ବ୍ୟବସ୍ଥା ବାବ୍ଦେ ଆଲୋଚନା କରାଯାଇଛେ । ମାହାପୁରୁଙ୍କର୍ ଦର୍ଶନ୍ ନୁ ମୁଲ୍ କରିକରି ମହାଦୀପ୍ ଉଠ୍ବାର୍ତକ୍ ସବୁ କାମ୍ ଶାନ୍ତିଶୃଙ୍ଖଲାର୍ ସହେତେ କର୍ବାର୍ ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ଆଏବା ୧୫ ତାରିଖ୍ ରଏବାର୍ ଦିନ ମହାଶିବରାତ୍ରୀ ପାଲନ୍ କରାଯିବା ଆଉ ରାତିର୍ ୧୦ ବଜେ ଲିଙ୍ଗରାଜ୍ଙ୍କର୍ ମହାଦୀପ୍ ଉଠ୍ବା ବଲି ମନ୍ଦିର୍ ପ୍ରଶାସନ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ସିଙ୍ଗିଲ୍ ୱିଣ୍ଡୋ ବୈଠକ୍ ଆଇ.ଆଣ୍ଡ୍.ପି.ଆର୍

ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଶହେ ୪୪ ନମ୍ବର୍ ରାଜ୍ୟସ୍ତରୀୟ ଏକକ ବାତାୟନ୍ ଅନୁମୋଦନ୍ କର୍ତୃପକ୍ଷ ବୈଠକ୍ ଆଏଜ୍ ହେଇଯାଇଛେ । ବୈଠକ୍ଥି ୪ ହଜାର୍ ଶହେ ୧୧ କୋଟିନୁ

ଅଏତ୍‌କା ଟଙ୍କାର୍ ୨୩ ଟା ଶିଳ୍ପ ପ୍ରକଳ୍ପ ପ୍ରସ୍ତାବ୍‌କେ ଅନୁମୋଦନ୍ କରାଯାଇଛେ । ଇସବୁ ପ୍ରକଳ୍ପ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଦେବ୍‌ଗଡ଼୍ ସହେତେ ୧୧ ଟା ଜିଲ୍ଲା ନ ଥାପ୍‌ନା କରାଯିବା । ଇତାର୍ ଜରିଏ ୯ ହଜାର୍ ୯ ଶହ ୨୪ ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା । ଇ ସବୁ ପ୍ରକଳ୍ପ ରାଜ୍ୟର୍ ଶିଳ୍ପ ଇକୋ ସିଷ୍ଟମ୍‌କେ ଆହୁରି ବର୍‌କସ୍ କର୍‌ବାର୍ ସହେତେ ଚାକିରୀ କ୍ଷେତ୍ରଥି ଅଭିବୃଦ୍ଧି ଆନ୍‌ବା ବଲି ଆଶା କରାଯାଉଛେ ।

ପିୟୁସିସି-ହାଇକୋର୍ଟ            କଟକ୍ ସମ୍ବାଦଦାତା

ରାଏଜେ ଗାଡ଼ିମାଲିକ୍‌ମାନ୍‌କର୍ ଉପ୍‌ରେ ବାକିଥିବା ଚାଲାଣ୍ ଦାଖଲ୍ ନାଇଁ କଲେ ପିୟୁସିସି ନାଇଁ ମିଲେ ବଲି ଓଡ଼ିଶା ହାଇକୋର୍ଟ କହିଛନ୍ । ଇ ବାବଦ୍ ହେଇଥିବା ଗୁଟେ ଜନସ୍ୱାର୍ଥ ଆବେଦନ୍‌ର ଆଏଜ୍ ଶୁଣାଣି କରିକରି ମଟର୍ ଯାନ ଆଇନ୍ ଧାରା ଶହେ ୬୭ ଆଉ ଉପଧାରା ୧୨ ଅନ୍‌ସାରେ ପିୟୁସିସି ଲାଗି ବାକିଥିବା ଚାଲାଣ୍ ଦାଖଲ୍ କର୍‌ବାର୍‌ଟା ବାଧ୍ୟତାମୂଲକ୍ ଆଏ ବଲି ହାଇକୋର୍ଟ କହେବାର୍ ସହେତେ ମାମ୍‌ଲାକେ ଖାରଜ୍ କରିଛନ୍ । ମାମ୍‌ଲାଥି ସର୍‌କାର୍‌ଙ୍କର୍ ତର୍‌ଫୁ ଆଡ୍‌ଭୋକେଟ୍ ଜେନେରାଲ୍ ପିତାମ୍ବର ଆଚାର୍ଯ୍ୟ ପକ୍ଷ ରଖିଥିଲେ ।

ଏନ୍‌ପିଏସ୍ ସଚେତନତା କାର୍ଯ୍ୟକ୍ରମ        ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟ କୋଷାଗାର୍ ନିର୍ଦ୍ଦେଶାଳୟର୍ ଭୁବ୍ନେଶ୍ୱର୍ ସ୍ୱତନ୍ତ୍ର କୋଷାଗାର - ୧ ତର୍ଫୁ ଦକ୍ଷତା ବିକାଶ୍ ଆଉ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌କେ ଅର୍ଥନୀତି ଆଉ ପରିସଂଖ୍ୟାନ୍ ନିର୍ଦ୍ଦେଶାଳୟର୍ ନିର୍ଦ୍ଦେଶକ୍ ଡକ୍ଟର୍ ବିଜୟ ଭୂଷଣ୍ ନନ୍ଦ ଉଦ୍‌ଘାଟନ୍ କରିକରି ଇ କାର୍ଯ୍ୟକ୍ରମ୍ ବିଭାଗ୍‌ର ଅଧିକାରୀମାନ୍‌କର୍ ଆତ୍ମବିଶ୍ୱାସ୍ ବଢ଼ାବାର୍ ସହେତେ ଏନ୍‌ପିଏସ୍ ବାବ୍‌ଦେ ସଚେତନ୍‌ତା ସୃଷ୍ଟି କର୍‌ବା ବଲି କହିଛନ୍ । ଇ ଅବ୍‌ସରେ ଏନ୍‌ପିଏସ୍ ବାବଦ୍ ଭିନ୍ ଭିନ୍ ପ୍ରଶ୍ନର୍ ସରଲ୍ ସମାଧାନ୍ ବାବଦ୍ ଗୁଟେ ମାର୍ଗଦର୍ଶିକା ସମ୍‌କୁ ଦିଆଯାଇଥିଲା ।

ଜାତୀୟ କୃମିନାଶକ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶେ ଆଏଜ୍ ଜାତୀୟ କୃମିନାଶକ ଦିବସ ପାଲନ କରାଯାଉଛେ । ୧ ନୁ ୧୯ ବଛର୍ ବୟସର୍ ଛୁଆମାନ୍‌କୁ କୃମିରୋଗ୍‌ନୁ ସୁରକ୍ଷା ଦେବାର୍ ଲାଗିଥି ଭାରତ୍ ସର୍‌କାର୍‌ଙ୍କର୍ ତର୍ଫୁ ଇ ଅଭିଯାନ୍ ମୁଲ୍ କରାଯାଇଛେ । ଇ ଅବସ୍‌ରେ ଆଏଜ୍ ସ୍ୱାସ୍ଥ୍ୟ କର୍ମଚାରୀ ଆର୍ ଅଙ୍ଗନୱାଡ଼ି କର୍ମୀମାନେ ଘର୍ ଘର ଯାଇ କରି କୃମିରୋଗ୍ ବାବ୍‌ଦେ ସଚେତନ୍ କର୍‌ବାର୍ ସହେତେ କୃମିନାଶକ୍ ନିରୋଧୀ ଉଷୋ ଖୁଏଇଛନ୍ । ଇ ବଛର୍ କୃମିନାଶକ୍

ଅଭିଯାନ୍‌ରୁ ରାଏଜେ ୧ କୋଟି ୭୦ ଲାଖ୍ ଲୁକ୍‌କୁ ଉଷୋ ଖୁଆବାର୍‌କେ ଲକ୍ଷ୍ୟ ରଖାଯାଇଛେ ।

ବୌଦ୍ଧ ଜେ.ଡ଼ି. ହାଇସ୍କୁଲ୍ ପରିସର୍ ନ ଜିଲ୍ଲାସ୍ତରୀୟ କୃମିନାଶକ୍ ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ୧ ନୁ ୧୦ ବଛ୍‌ରର୍ ଛୁଆମାନ୍‌କୁ ମାହାଲିଆ ଉଷୋ ଦିଆଯାଇଛେ । କାର୍ଯ୍ୟକ୍ରମ୍‌ରୁ ଜିଲ୍ଲା କାର୍ଯ୍ୟକ୍ରମ୍ ସଂଯୋଜକ ଗିରିଜା ପ୍ରସାଦ୍ ମିଶ୍ରଙ୍କର୍ ସହେତେ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଶ୍ରୀମନ୍ଦିର-ପାଞ୍ଜି ସମୀକ୍ଷା ବୈଠକ୍   ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ପରିସର୍ ନ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀଙ୍କର୍ ଅଧ୍ୟକ୍ଷତାରୁ ପାଞ୍ଜି ସମୀକ୍ଷା ବୈଠକ୍ ଆଏଜ୍ ହେଇଯାଇଛେ । ବୈଠକ୍‌ରୁ ପାଞ୍ଜି ଆଉ କେଲେଣ୍ଡର୍ ତଥ୍ୟ ନିର୍ଭୁଲ୍ ରଖିବାର୍ ଉପ୍‌ରେ ଜୋର୍ ଦିଆଯାଇଛେ । ଶ୍ରୀମନ୍ଦିର୍ ନ ଯାହା ଭିଲ୍ ଯାନି ଯାତ୍ରା ହେଉଛେ ତାର୍ ସଠିକ୍ ପ୍ରକାଶନ୍ ଲାଗି ବୈଠକ୍‌ରୁ ଆଲୋଚନା କରାଯିବାର୍ ସହେତେ ଭିନ୍ ଭିନ୍ ତିଥି ମାନ୍‌କର୍ ବାବ୍‌ଦେ ଭିଲ୍ ଆଲୋଚନା କରାଯାଇଛେ । ପାଞ୍ଜି ଆଉ କେଲେଣ୍ଡର୍ ଲାଗି ପାଣ୍ଡୁଲିପି ଦାଖଲ୍ କରିଥିବା ୫ ଝନ୍ ପ୍ରକାଶକଙ୍କୁ ଇଥିର୍‌ଲାଗି ଅନୁମତି

ଦିଆଯାଇଛେ । ଇତାର୍‌ଛଡ଼ା ଯେନ୍‌ମାନେ ଭୁଲ୍‌ଭାଲ୍ ତଥ୍ୟ ପ୍ରକାଶନ୍ କର୍‌ବେ ତାଙ୍କର୍ ବିରୋଧ୍‌ଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ଡକ୍ଟର୍ ପାଢ଼ୀ କହିଛନ୍ ।
(ଭଏସ୍ ଓଭର୍- ଅରବିନ୍ଦ ପାଢ଼ୀ)

ମେଟ୍ରିକ୍ ପରୀକ୍ଷା-ପ୍ରଶ୍ନପତ୍ର କଟକ୍ ସମ୍ବାଦଦାତା

ଓଡ଼ିଶା ମାଧମିକ ଶିକ୍ଷା ପରିଷଦ୍ ତର୍‌ଫୁ ଆଏବା ୧୯ ତାରିଖ୍‌ନୁ ହେବାର୍‌କେ ଥିବା ମେଟ୍ରିକ୍ ପରୀକ୍ଷା ଲାଗି ଆଏଜ୍‌ଠାନୁ ନୋଡ଼ାଲ୍ କେନ୍ଦ୍ର ମାନ୍‌କେ ପ୍ରଶ୍ନପତ୍ର ପଠାଯାଇଛେ । ଇ ବଛର୍ ରାଏଜେ ୩ ହଜାର୍ ୮୨ ଟା କେନ୍ଦ୍ର ନ ପରୀକ୍ଷା ହେବା । ପହେଲା ଖେପ୍‌ଥି ଆଏଜ୍ ୪ ଟା ଜିଲ୍ଲାକେ ପ୍ରଶ୍ନ ପତ୍ର ପଠାଯାଇଛେ । ପ୍ରଶ୍ନପତ୍ର ରଖ୍‌ବାର୍ ଲାଗି ୩ ଶହ ୨୨ ଟା ନୋଡ଼ାଲ୍ ସେଂଟର୍ ରହିଛେ । ସବୁ ସେଂଟର୍ ନ କଡ଼ା ସୁରକ୍ଷା ସହେତେ ସିସିଟିଭି ବ୍ୟବସ୍ଥା କରାଯାଇଛେ ।

ରାଜସ୍ୱ ସମୀକ୍ଷା ବୈଠକ୍ ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧକ୍ଷତାଥି ହେଇଥିବା ବୈଠକ୍‌ଥି

ଜାନୁଆରୀ ମାସେ ଧାରିଜ୍ ଥିବା ଭୂ-ରାଜସ୍ୱ, ରୟାଲ୍‌ଟି ଆଦାୟ, ଜଳକର, ବସୁନ୍ଧରା, ସ୍କୁଲ୍,କଲେଜ୍ ପଟ୍ଟା ବାଗିର୍ ଭିନ୍ ଭିନ୍ କର ବାବ୍‌ଦେ ଆଲୋଚନା କରାଯାଇଥିଲା । ବୈଠକ୍‌ଥି ଜିଲ୍ଲାସ୍ତରୀୟ ଅଧିକାରୀମାନେ ଆଉ ରାଜସ୍ୱ ବିଭାଗ୍‌ର ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ରାଷ୍ଟ୍ରୀୟ ଆବିଷ୍କାର୍ ଅଭିଯାନ୍ ବୌଦ୍ଧ ସମ୍ବାଦଦାତା

ରାଷ୍ଟ୍ରୀୟ ଆବିଷ୍କାର୍ ଅଭିଯାନ୍‌ଥି ବୌଦ୍ଧ ଜିଲ୍ଲା ଶିକ୍ଷା ବିଭାଗ୍ ତର୍‌ଫୁ ଜିଲ୍ଲାର୍ ପ୍ରାଥମିକ ଆଉ ମାଧ୍ୟମିକ ବିଦ୍ୟାଳୟର୍ ଛାତ୍ରଛାତ୍ରୀମାନ୍‌କର୍ ଗୁଟେ ଶିକ୍ଷା ପରିଭ୍ରମଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାର୍ ୬୦ ଝନ୍ ଛାତ୍ରଛାତ୍ରୀ ଆଉ ୧୨ ଝନ୍ ସହଯୋଗୀ ଶିକ୍ଷକ୍ ବର୍‌ଗଡ୍ ଜିଲ୍ଲାର୍ ଟୁକୁର୍ଲା ଠାନେ ଥିବା ବିଜ୍ଞାନ୍ କେନ୍ଦ୍ର ପରିଦର୍ଶନ୍ କରିଛନ୍ । ଇ ଅବ୍‌ସରେ ଛାତ୍ରଛାତ୍ରୀମାନେ ଭିନ୍ ଭିନ୍ ବିଜ୍ଞାନ୍ ଭିତିକ୍ ଜିନିଷ୍ ଶିଖିପାରିଛନ୍ ।

ଭିବିଜିରାମ୍‌ଜୀ-କର୍ମଶାଳା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ପୁରୁଣାକଟକ୍ ଠାନେ ଭିବିଜିରାମ୍‌ଜୀ ଯୋଜ୍‌ନାକେ ନେଇକରି ଗୁଟେ ସଚେତନତା କର୍ମଶାଳା ହେଯାଇଛେ ।

କାର୍ଯ୍ୟକ୍ରମ୍‌ଥି ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଯୋଜ୍‌ନାର୍ ଲାଭ୍ ବାବ୍‌ଦେ ବୁଝେଇଥିଲେ । ଇ ଅବ୍‌ସରେ ଇଲାକାର୍ ବହୁତ୍‌ଟେ ଜବ୍‌କାର୍ଡ୍ ହିତାଧିକାରୀ ଉପସ୍ଥିତ୍ ଥିଲେ ।

ପୁରୁଷ ହକି ପ୍ରୋ ଲିଗ୍ ଆଇ.ଆଣ୍ଡ୍.ପି.ଆର୍

ଫେଡ଼େରେସନ୍ ଅଫ୍ ହକି ଇଣ୍ଡିଆ ତରଫୁ ଚାଲିଥିବା ପୁରୁଷ ହକି ପ୍ରୋ ଲିଗ୍ -୨୦୨୫-୨୬ର ରାଉର୍‌କେଲା ଖେପ୍ ମେଚ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ରାଉର୍‌କେଲା ବିର୍ସାମୁଣ୍ଡା ହକି ଷ୍ଟାଡ଼ିୟମ୍ ନ ପହେଲା ମେଚ୍ ଆର୍ଜେଣ୍ଟିନା ଆଉ ବେଲ୍‌ଜିୟମ୍ ଭିତ୍‌ରେ ଆଉ କିଛି ସମିଆ ଉତ୍‌ରୁ ଖେଲାଯିବା । ଇ ଖେପ୍‌ଥି ଆୟୋଜକ ଭାରତ୍, ବେଲ୍‌ଜିୟମ୍ ଆଉ ଆର୍ଜେଣ୍ଟିନା ଭିତ୍‌ରେ ମେଚ୍ ଖେଲାଯିବା । ଆଏବା ୧୫ ତାରିଖ୍‌ତକ୍ ଫି’ ଦିନର୍ ସଞ୍ଜ୍‌ବେଲର୍ ସାଢ଼େ ୭ ବଜେ ମେଚ୍ ଖେଲାଯିବା ।

ପଶ୍ଚିମ ଓଡ଼ିଶା ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍

ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍ପୁର୍ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ୍ ନ ପଶ୍ଚିମ ଓଡ଼ିଶା ଆନ୍ତଃଜିଲ୍ଲା ଫୁଟ୍ବଲ୍ ଟୁର୍ଣ୍ଣାମେଂଟ୍-୨୦୨୬ ର ୪ ନମ୍ବର୍ ଦିନେ ଆଏଜ୍ ସୁନ୍ଦର୍ଗଡ଼୍ ଦଲ୍ ୨/୧ ଗୋଲ୍ଥି ସୁବର୍ଣ୍ଣପୁର ଦଲ୍କେ ହରେଇଛେ । ଆଏବା କାଏଲ୍ ବଲାଙ୍ଗିର୍ ଆଉ ବର୍ଗଡ଼୍ ଭିତ୍ରେ ମେଚ୍ ଖେଲାଯିବା ।

ପାଣିପାଗ୍ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍ର ପ୍ରଭାବ୍ କମିଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୨ ଦିନ୍ ଭିତ୍ରେ ରାତିର୍ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ ବଢ଼ିପାରେ । ରାଜ୍ୟର୍ ବଡ଼ଭାଗୀ ସହର ନ ଆଏଜ୍ ଦିନର୍ ତାପମାତ୍ରା ୩୦ ଡିଗ୍ରୀ ଉପ୍ରେ ରହିଥିଲା ।